**SET – A**

***Total No. of printed pages : 24*** ***Roll No.*** [ ]

**715 R / 715 E / 715 DE (R/E)**

**Reg. / Ex-Reg. / Dis. Edu. (R/E)**

**HIS (Arts)**

**(For students registered up to 2020)**

**2022 (A)**

**ARTS**

**HISTORY**

*Full Marks – 100*

*Time : 3 Hours*

*Answer the questions of all the Groups as directed.*

ନିର୍ଦ୍ଦେଶାନୁସାରେ ସମସ୍ତ ବିଭାଗର ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ ।

*The figures in the right-hand margin indicate marks.*

ଦକ୍ଷିଣ ପାର୍ଶ୍ୱ ମାର୍ଜିନରେ ନମ୍ବର ସୂଚିତ ହୋଇଅଛି ।

**P.T.O.**

## Group – A
## କ – ବିଭାଗ

**Answer all questions serially.**
କ୍ରମାନ୍ୱୟରେ ସମସ୍ତ ପ୍ରଶ୍ନର ଉତ୍ତର ଦିଅ ।

1. From the given four alternatives in each question, choose and write serially the correct answer along with its serial number. **All** questions are compulsory : 1×25=25
ପ୍ରତ୍ୟେକ ପ୍ରଶ୍ନରେ ଦିଆଯାଇଥିବା ଚାରିଗୋଟି ବିକଳ୍ପ ମଧ୍ୟରୁ ସଠିକ୍ ଉତ୍ତରଟି ବାଛି ତା'ର କ୍ରମିକ ସଂଖ୍ୟା ସହିତ କ୍ରମାନୁସାରେ ଲେଖ । **ସମସ୍ତ** ପ୍ରଶ୍ନ ବାଧ୍ୟତାମୂଳକ :

(a) Which type of coin was used during the reign of Chandragupta I ?
ପ୍ରଥମ ଚନ୍ଦ୍ରଗୁପ୍ତଙ୍କ ରାଜତ୍ୱ ସମୟରେ କେଉଁ ପ୍ରକାର ମୁଦ୍ରାର ପ୍ରଚଳନ ଥିଲା ?
(i) Punch-marked coin
ଛାପାଯୁକ୍ତ ମୁଦ୍ରା
(ii) King and Queen type coin
ରାଜା–ରାଣୀ ମୁଦ୍ରା
(iii) Aswamedha type coin
ଅଶ୍ୱମେଧ ଯଜ୍ଞ ମୁଦ୍ରା
(iv) Tiger slayer type coin
ବ୍ୟାଘ୍ରକୁ ପରାଭୂତ କରିବା ମୁଦ୍ରା



(b) Who wrote 'Harshacharita' ?
'ହର୍ଷଚରିତ' କିଏ ଲେଖିଥିଲେ ?
(i) Kalhana
କଲ୍ହଣ
(ii) Bilhana
ବିଲ୍ହଣ
(iii) Banabhatta
ବାଣଭଟ୍ଟ
(iv) Vishakhadatta
ବିଶାଖଦତ୍ତ

(c) In which year did Dayaram Sahani and Rakhal Das Banerjee start excavation work at Harappa and Mohenjodaro respectively ?
କେଉଁ ବର୍ଷ ଦୟାରାମ ସାହାଣୀ ଏବଂ ରାଖାଲ ଦାସ ବାନାର୍ଜୀ ହରପ୍ପା ଓ ମହେଞ୍ଜୋଦାରୋରେ ଯଥାକ୍ରମେ ଖନନ କାର୍ଯ୍ୟ ଆରମ୍ଭ କରିଥିଲେ ?
(i) 1816 - 1817
୧୮୧୬–୧୮୧୭
(ii) 1850-1851
୧୮୫୦–୧୮୫୧
(iii) 1872 - 1873
୧୮୭୨–୧୮୭୩
(iv) 1920-1921
୧୯୨୦–୧୯୨୧

(d) From where was the Great Bath discovered?
କେଉଁଠାରୁ ବୃହତ ସ୍ନାନାଗାର ଆବିଷ୍କୃତ ହୋଇଛି ?
(i) Harappa
ହରପ୍ପା
(ii) Mohenjodaro
ମହେଞ୍ଜୋଦାରୋ
(iii) Kalibangan
କାଲିବାଙ୍ଗାନ
(iv) Chanhudaro
ଚାହ୍ନୁଦାରୋ

(e) Into how many divisions each Veda is divided ?
ପ୍ରତ୍ୟେକ ବେଦ କେତୋଟି ଭାଗରେ ବିଭକ୍ତ?
(i) Two
ଦୁଇ
(ii) Three
ତିନି
(iii) Four
ଚାରି
(iv) Five
ପାଞ୍ଚ

(f) How was the head of the Vedic family called?
ବୈଦିକ ପରିବାରର ମୁଖ୍ୟଙ୍କୁ କ'ଣ କୁହାଯାଉଥିଲା ?
(i) Kulapa କୁଳପ (ii) Guru ଗୁରୁ
(iii) Pitru ପିତୃ (iv) Acharya ଆଚାର୍ଯ୍ୟ

(g) On the confluence of which two rivers Varanasi was situated?
କେଉଁ ଦୁଇ ନଦୀର ସଙ୍ଗମ ସ୍ଥଳରେ ବାରାଣସୀ ଅବସ୍ଥିତ ଥିଲା?
(i) Ganga and Gomti ଗଙ୍ଗା ଓ ଗୋମତୀ
(ii) Varuna and Asi ବରୁଣ ଓ ଅସି
(iii) Yamuna and Saraswati ଯମୁନା ଓ ସରସ୍ୱତୀ
(iv) Ganga and Yamuna ଗଙ୍ଗା ଓ ଯମୁନା

(h) Who was the 23rd Tirthankara of Jainism?
ଜୈନଧର୍ମର ତ୍ରୟୋଦଶ ତୀର୍ଥଙ୍କର କିଏ ଥିଲେ ?
(i) Rishabhanath ଋଷଭନାଥ (ii) Shantinath ଶାନ୍ତିନାଥ
(iii) Neminath ନେମିନାଥ (iv) Parsvanath ପାର୍ଶ୍ୱନାଥ

(i) To which Kshatriya clan did Gautama Buddha belong ?
ଗୌତମ ବୁଦ୍ଧ କେଉଁ କ୍ଷତ୍ରିୟ ବଂଶର ଥିଲେ ?
(i) Jnatrika ଜ୍ଞାତ୍ରିକ (ii) Sakya ଶାକ୍ୟ
(iii) Maurya ମୌର୍ଯ୍ୟ (iv) Lichhavi ଲିଚ୍ଛବି



(j) Who was Ashoka's father ?
ଅଶୋକଙ୍କ ପିତା କିଏ ଥିଲେ?
(i) Chandragupta ଚନ୍ଦ୍ରଗୁପ୍ତ (ii) Bimbisara ବିମ୍ବିସାର
(iii) Ajatsatru ଅଜାତଶତ୍ରୁ (iv) Bindusara ବିନ୍ଦୁସାର

(k) In which year Kalinga War was fought ?
କଳିଙ୍ଗ ଯୁଦ୍ଧ କେଉଁ ମସିହାରେ ସଂଗଠିତ ହୋଇଥିଲା ?
(i) 273 B.C. ଖ୍ରୀ:ପୂ: ୨୭୩ (ii) 269 B.C. ଖ୍ରୀ:ପୂ: ୨୬୯
(iii) 261 B.C. ଖ୍ରୀ:ପୂ: ୨୬୧ (iv) 271 B.C. ଖ୍ରୀ:ପୂ: ୨୭୧

(l) Which language was revived during the Gupta period ?
ଗୁପ୍ତଯୁଗରେ କେଉଁ ଭାଷାର ପୁନରୁତ୍ଥାନ ହୋଇଥିଲା?
(i) Pali ପାଲି (ii) Prakrit ପ୍ରାକୃତ
(iii) Kharosthi ଖରୋଷ୍ଠୀ (iv) Sanskrit ସଂସ୍କୃତ

(m) Who wrote 'Panchatantra'?
'ପଞ୍ଚତନ୍ତ୍ର' କିଏ ଲେଖିଥିଲେ ?
(i) Vishnusharma ବିଷ୍ଣୁଶର୍ମା (ii) Kalidas କାଳିଦାସ
(iii) Varahamihira ବରାହମିହିର (iv) Harisena ହରିସେନ

(n) Who was chosen as the successor of Guru Nanak?
ଗୁରୁନାନକଙ୍କ ଉତ୍ତରାଧିକାରୀ ଭାବରେ କିଏ ବଛା ହୋଇଥିଲେ?
(i) Arjun
ଅର୍ଜୁନ
(ii) Angad
ଅଙ୍ଗଦ
(iii) Gobind Singh
ଗୋବିନ୍ଦ ସିଂ
(iv) Teg Bahadur
ତେଗ୍ ବାହାଦୁର

(o) Where is Shaikh Muinuddin Khwaja's mausoleum ?
ଶେଖ ମୁଇନୁଦ୍ଦିନ ଖ୍ୱାଜାଙ୍କ ସମାଧିପୀଠ କେଉଁଠାରେ ଅବସ୍ଥିତ?
(i) Delhi
ଦିଲ୍ଲୀ
(ii) Agra
ଆଗ୍ରା
(iii) Jaipur
ଜୟପୁର
(iv) Ajmer
ଆଜମେର

(p) When was the British East India Company formed ?
ବ୍ରିଟିଶ ଇଷ୍ଟ ଇଣ୍ଡିଆ କମ୍ପାନୀ କେବେ ଗଠିତ ହୋଇଥିଲା ?
(i) 1600 AD
୧୬୦୦ ଖ୍ରୀଷ୍ଟାବ୍ଦ
(ii) 1603 AD
୧୬୦୩ ଖ୍ରୀଷ୍ଟାବ୍ଦ
(iii) 1606 AD
୧୬୦୬ ଖ୍ରୀଷ୍ଟାବ୍ଦ
(iv) 1628 AD
୧୬୨୮ ଖ୍ରୀଷ୍ଟାବ୍ଦ

(q) Who wrote 'Economic History of India' ?
'ଭାରତର ଅର୍ଥନୈତିକ ଇତିହାସ' କିଏ ଲେଖିଥିଲେ ?
(i) Dadabhai Naoroji
ଦାଦାଭାଇ ନାରୋଜୀ
(ii) Romesh Chandra Dutt
ରମେଶ ଚନ୍ଦ୍ର ଦତ୍ତ
(iii) Gopal Krishna Gokhale
ଗୋପାଳକୃଷ୍ଣ ଗୋଖଲେ
(iv) Lokmanya Tilak
ଲୋକମାନ୍ୟ ତିଳକ



(r) When did Khurda Rebellion take place ?
ଖୋର୍ଦ୍ଧା ବିଦ୍ରୋହ କେବେ ହୋଇଥିଲା ?
(i) 1763 AD
୧୭୬୩ ଖ୍ରୀଷ୍ଟାବ୍ଦ
(ii) 1800 AD
୧୮୦୦ ଖ୍ରୀଷ୍ଟାବ୍ଦ
(iii) 1803 AD
୧୮୦୩ ଖ୍ରୀଷ୍ଟାବ୍ଦ
(iv) 1817 AD
୧୮୧୭ ଖ୍ରୀଷ୍ଟାବ୍ଦ

(s) Which country was the greatest colonial power in the 19th century ?
ଊନବିଂଶ ଶତାବ୍ଦୀରେ କେଉଁ ଦେଶ ସବୁଠାରୁ ବୃହତ ଔପନିବେଶିକ ଶକ୍ତି ଥିଲା ?
(i) France
ଫ୍ରାନ୍ସ
(ii) England
ଇଂଲଣ୍ଡ
(iii) United States of America
ଯୁକ୍ତରାଷ୍ଟ୍ର ଆମେରିକା
(iv) Russia
ଋଷିଆ

(t) In which year was Montague-Chelmsford Reform Act passed ?
ମଣ୍ଟେଗୁ-ଚେମସ୍‌ଫୋର୍ଡ ଶାସନ ସଂସ୍କାର ଆଇନ କେଉଁ ବର୍ଷ ଗୃହୀତ ହୋଇଥିଲା ?
(i) 1909 AD
୧୯୦୯ ଖ୍ରୀଷ୍ଟାବ୍ଦ
(ii) 1919 AD
୧୯୧୯ ଖ୍ରୀଷ୍ଟାବ୍ଦ
(iii) 1935 AD
୧୯୩୫ ଖ୍ରୀଷ୍ଟାବ୍ଦ
(iv) 1947 AD
୧୯୪୭ ଖ୍ରୀଷ୍ଟାବ୍ଦ

(u) In which Session of the Congress Non-Co-Operation Resolution was passed ?
କଂଗ୍ରେସର କେଉଁ ଅଧିବେଶନରେ ଅସହଯୋଗ ଆନ୍ଦୋଳନ ପ୍ରସ୍ତାବ ଗୃହୀତ ହୋଇଥିଲା ?
(i) Calcutta Session
କଲିକତା ଅଧିବେଶନ
(ii) Lahore Session
ଲାହୋର ଅଧିବେଶନ
(iii) Nagpur Session
ନାଗପୁର ଅଧିବେଶନ
(iv) Tripuri Session
ତ୍ରିପୁରୀ ଅଧିବେଶନ

(v) Who is known as 'Frontier Gandhi' ?
'ସିମାନ୍ତ ଗାନ୍ଧୀ' ବୋଲି କାହାକୁ କୁହାଯାଏ ?
(i) Abul Kalam Azad
ଅବୁଲ କଲାମ ଆଜାଦ୍
(ii) Ferozshah Mehta
ଫିରୋଜଶା ମେହେତା
(iii) Dadabhai Naoroji
ଦାଦାଭାଇ ନାରୋଜୀ
(iv) Khan Abdul Ghaffar Khan
ଖାଁ ଅବଦୁଲ ଗଫର ଖାଁ



(w) Who founded the Satyabadi School ?
ସତ୍ୟବାଦୀ ଶିକ୍ଷାନୁଷ୍ଠାନ କିଏ ପ୍ରତିଷ୍ଠା କରିଥିଲେ
(i) Nabakrushna Choudhury
ନବକୃଷ୍ଣ ଚୌଧୁରୀ
(ii) Madhusudan Das
ମଧୁସୂଦନ ଦାସ
(iii) Gopabandhu Das
ଗୋପବନ୍ଧୁ ଦାସ
(iv) Harekrushna Mahatab
ହରେକୃଷ୍ଣ ମହାତାବ

(x) Who did set up Utkal Tannery ?
ଉତ୍କଳ ଟ୍ୟାନେରୀ କିଏ ଆରମ୍ଭ କରିଥିଲେ ?
(i) Maharaja Krushna Chandra Gajapati
ମହାରାଜା କୃଷ୍ଣଚନ୍ଦ୍ର ଗଜପତି
(ii) Madhusudan Das
ମଧୁସୂଦନ ଦାସ
(iii) Harekrushna Mahatab
ହରେକୃଷ୍ଣ ମହତାବ
(iv) Gopabandhu Das
ଗୋପବନ୍ଧୁ ଦାସ

(y) In which year separate province of Odisha was formed ?
କେଉଁ ମସିହାରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠିତ ହୋଇଥିଲା?
(i) 1st April, 1936
୧ ଅପ୍ରିଲ, ୧୯୩୬
(ii) 15th August, 1947
୧୫ ଅଗଷ୍ଟ, ୧୯୪୭
(iii) 1st January, 1949
୧ ଜାନୁଆରୀ, ୧୯୪୯
(iv) 26th January, 1950
୨୬ ଜାନୁଆରୀ, ୧୯୫୦

2. From the given four alternatives in each question, choose and write serially the correct answer along with its serial number. **All** questions are compulsory : 1×25=25

ପ୍ରତ୍ୟେକ ପ୍ରଶ୍ନରେ ଦିଆଯାଇଥିବା ଚାରିଗୋଟି ବିକଳ୍ପ ମଧ୍ୟରୁ ସଠିକ୍ ଉତ୍ତରଟି ବାଛି ତା'ର କ୍ରମିକ ସଂଖ୍ୟା ସହିତ କ୍ରମାନୁସାରେ ଲେଖ । ସମସ୍ତ ପ୍ରଶ୍ନ ବାଧ୍ୟତାମୂଳକ :

(a) Which is the earliest 'Veda' ?
କେଉଁଗୋଟି ପ୍ରାଚୀନତମ ବେଦ ଅଟେ ?
(i) Rig Veda
ଋକ୍ ବେଦ
(ii) Sama Veda
ସାମ୍ ବେଦ
(iii) Yajur Veda
ଯଜୁର ବେଦ
(iv) Atharva Veda
ଅଥର୍ବ ବେଦ

(b) Who did compose 'Allahabad Prasasti' ?
କିଏ 'ପ୍ରୟାଗ ପ୍ରଶସ୍ତି' ରଚନା କରିଥିଲେ ?
(i) Asvaghosa
ଅଶ୍ୱଘୋଷ
(ii) Harisena
ହରିସେନ
(iii) Aryabhatta
ଆର୍ଯ୍ୟଭଟ୍ଟ
(iv) Kalidas
କାଳିଦାସ

(c) The history of which State is described in 'Rajatarangini' ?
କେଉଁ ରାଜ୍ୟର ଇତିହାସ 'ରାଜତରଙ୍ଗିଣୀ'ରେ ବର୍ଣ୍ଣନା କରାଯାଇଅଛି ?
(i) Punjab
ପଞ୍ଜାବ
(ii) Rajasthan
ରାଜସ୍ଥାନ
(iii) Kashmir
କାଶ୍ମୀର
(iv) Bihar
ବିହାର



(d) In which river valley was Harappan Civilisation flourished ?
କେଉଁ ନଦୀ ଉପତ୍ୟକାର ହରପ୍ପା ସଭ୍ୟତା ବିକଶିତ ହୋଇଥିଲା ?
(i) Indus
ସିନ୍ଧୁ
(ii) The Ganges
ଗଙ୍ଗା
(iii) Sutlej
ଶତଲେଜ୍
(iv) Jhelum
ଝେଲମ୍

(e) In which site of Harappan Culture a dockyard has been found ?
ହରପ୍ପା ସଂସ୍କୃତିର କେଉଁ ସ୍ଥାନରେ ଏକ ପୋତାଶ୍ରୟ ମିଳିଅଛି ?
(i) Ropar
ରୋପର
(ii) Rochdi
ରୋଚଡି
(iii) Lothal
ଲୋଥଲ୍
(iv) Kalibangan
କାଲିବଙ୍ଗାନ୍

(f) When did caste system become rigid ?
ଜାତି ପ୍ରଥା କେଉଁ ସମୟରେ ଉତ୍କଟ ରୂପ ଧାରଣ କରିଥିଲା ?
(i) Rig Vedic Age
ଋକ୍ ବୈଦିକ ଯୁଗ
(ii) Later Vedic Age
ପରବର୍ତ୍ତୀ ବୈଦିକ ଯୁଗ
(iii) Epic Age
ପୌରାଣିକ ଯୁଗ
(iv) Modern Age
ଆଧୁନିକ ଯୁଗ

(g) With which religion 'Triratna' is associated?
'ତ୍ରିରତ୍ନ' କେଉଁ ଧର୍ମ ସହିତ ସଂପୃକ୍ତ ?

(i) Buddhism ବୌଦ୍ଧଧର୍ମ (ii) Jainism ଜୈନଧର୍ମ
(iii) Hinduism ହିନ୍ଦୁଧର୍ମ (iv) Sikhism ଶିଖ୍ ଧର୍ମ

(h) What was the name of the capital of Anga during sixth century B.C. ?
ଖ୍ରୀଷ୍ଟପୂର୍ବ ଷଷ୍ଠ ଶତାବ୍ଦୀ ସମୟରେ ଅଙ୍ଗର ରାଜଧାନୀର ନାମ କ'ଣ ଥିଲା ?

(i) Champa ଚମ୍ପା (ii) Shravasti ଶ୍ରାବସ୍ତୀ
(iii) Mahismati ମହିସମତି (iv) Mathura ମଥୁରା

(i) Where is Shravanbelgola ?
ଶ୍ରବଣ ବେଲ୍‌ଗୋଲା କେଉଁଠାରେ ଅବସ୍ଥିତ ?

(i) Tamil Nadu ତାମିଲନାଡୁ (ii) Andhra Pradesh ଆନ୍ଧ୍ରପ୍ରଦେଶ
(iii) Karnataka କର୍ଣ୍ଣାଟକ (iv) Kerala କେରଳ

(j) Who converted Asoka to Buddhism ?
ଅଶୋକଙ୍କୁ ବୌଦ୍ଧ ଧର୍ମରେ କିଏ ଦୀକ୍ଷିତ କରିଥିଲେ ?

(i) Asvaghosa ଅଶ୍ୱଘୋଷ (ii) Mogaliputta Tissa ମୋଗଲିପୁତ୍ତ ତିସ୍ସା
(iii) Ananda ଆନନ୍ଦ (iv) Upagupta ଉପଗୁପ୍ତ



(k) Who was in-charge of village administration during Mauryan rule ?
ମୌର୍ଯ୍ୟ ରାଜତ୍ୱରେ ଗ୍ରାମ ଶାସନ ଦାୟିତ୍ୱରେ କିଏ ଥିଲେ ?

(i) Rajuka ରାଜୁକ (ii) Gramika ଗ୍ରାମିକ
(iii) Pativedaka ପତିବେଦକ (iv) Sandhivigrahika ସନ୍ଧିବିଗ୍ରହିକ

(l) Who was known as 'Kaviraj' during the Gupta age ?
ଗୁପ୍ତଯୁଗରେ କିଏ 'କବିରାଜ' ନାମରେ ଅଭିହିତ ଥିଲେ ?

(i) Sri Gupta ଶ୍ରୀଗୁପ୍ତ
(ii) Chandragupta I ପ୍ରଥମ ଚନ୍ଦ୍ରଗୁପ୍ତ
(iii) Samudragupta ସମୁଦ୍ରଗୁପ୍ତ
(iv) Chandragupta II ଦ୍ୱିତୀୟ ଚନ୍ଦ୍ରଗୁପ୍ତ

(m) Who wrote 'Hastyayurveda' ?
'ହସ୍ତ୍ୟାୟୁର୍ବେଦ' କିଏ ରଚନା କରିଥିଲେ ?

(i) Palakappya ପାଲକପ୍ୟ (ii) Charaka ଚରକ
(iii) Susruta ଶୁଶ୍ରୁତ (iv) Salihotra ଶାଳିହୋତ୍ର

(n) Who is known as 'Indian Newton' ?

'ଭାରତର ନିଉଟନ୍' କାହାକୁ କୁହାଯାଏ ?

(i) Varahamihira
ବରାହମିହିର

(ii) Bhagabatta
ଭଗବଟ୍ଟ

(iii) Aryabhatta
ଆର୍ଯ୍ୟଭଟ୍ଟ

(iv) Vishakhadatta
ବିଶାଖଦତ୍ତ

(o) Which Sufi saint is famous as Chirag-i-Delhi ?

ଚିରାଗ-ଇ-ଦିଲ୍ଲୀ ଭାବରେ କେଉଁ ସୁଫି ସନ୍ଥ ପ୍ରସିଦ୍ଧ ?

(i) Shaikh Nizamuddin Auliya
ଶେଖ ନିଜାମୁଦ୍ଦିନ ଆଓଲିଆ

(ii) Shaikh Muinuddin Khwaja
ଶେଖ ମୁଇନୁଦ୍ଦିନ ଖ୍ୱାଜା

(iii) Kutubuddin Bakhtiyar Kaki
କୁତୁବୁଦ୍ଦିନ ବକ୍ତିୟାର କାକୀ

(iv) Shaikh Nasiruddin
ଶେଖ୍ ନାସିରୁଦ୍ଦିନ

(p) With which religion hair, bangle, underpants, comb and daggar are associated ?

କେଶ, କଡ଼ା, କଛା, ପାନିଆ ଓ ଛୁରିକା କେଉଁ ଧର୍ମ ସହିତ ସଂପୃକ୍ତ ?

(i) Sufism
ସୁଫିବାଦ

(ii) Islam
ଇସ୍‌ଲାମ

(iii) Hinduism
ହିନ୍ଦୁ ଧର୍ମ

(iv) Sikhism
ଶିଖଧର୍ମ



(q) Who introduced Permanent Settlement in India ?

କିଏ ଭାରତରେ ଚିରସ୍ଥାୟୀ ବନ୍ଦୋବସ୍ତ ପ୍ରବର୍ତ୍ତନ କରିଥିଲେ?

(i) Robert Clive
ରର୍ବଟ କ୍ଲାଇବ୍

(ii) Warren Hastings
ୱାରେନ ହେଷ୍ଟିଂସ୍

(iii) Lord Cornwallis
ଲର୍ଡ କର୍ଣ୍ଣୱାଲିସ୍

(iv) Lord Dalhousie
ଲର୍ଡ ଡାଲହାଉସୀ

(r) Which were the two places that were first linked by railways in India ?

ଭାରତରେ ରେଳଦ୍ୱାରା ପ୍ରଥମେ ସଂଯୋଗ କରାଯାଇଥିବା ଦୁଇଟି ସ୍ଥାନର ନାମ କ'ଣ ?

(i) Bombay–Calcutta
ବମ୍ବେ-କଲିକତା

(ii) Calcutta–Madras
କଲିକତା-ମାଡ୍ରାସ

(iii) Madras–Bangalore
ମାଡ୍ରାସ୍-ବାଙ୍ଗାଲୋର

(iv) Bombay–Thane
ବମ୍ବେ-ଥାନେ

(s) Whom did the British defeat in 1803 when they occupied Odisha ?

୧୮୦୩ ମସିହାରେ ବ୍ରିଟିଶ୍‌ମାନେ ଓଡ଼ିଶା ଦଖଲ କଲାବେଳେ କାହାକୁ ପରାଜିତ କରିଥିଲେ ?

(i) Afghans
ଆଫ୍‌ଗାନ
(ii) Turks
ତୁର୍କି
(iii) Mughals
ମୋଗଲ
(iv) Marathas
ମରାଠା

(t) Which rebellion was led by Bakshi Jagabandhu ?

ବକ୍ସି ଜଗବନ୍ଧୁ କେଉଁ ବିଦ୍ରୋହର ନେତୃତ୍ୱ ନେଇଥିଲେ ?

(i) Sanyasi Rebellion
ସନ୍ୟାସୀ ବିଦ୍ରୋହ
(ii) Santhal Rebellion
ସାନ୍ତାଳ ବିଦ୍ରୋହ
(iii) Khurda Rebellion
ଖୋର୍ଦ୍ଧା ବିଦ୍ରୋହ
(iv) Revolt of 1857
୧୮୫୭ ବିଦ୍ରୋହ



(u) Who was the Mughal Emperor during the Great Indian Revolt of 1857 ?

୧୮୫୭ ମସିହାର ମହାସଂଗ୍ରାମ ସମୟରେ ମୋଗଲ ସମ୍ରାଟ କିଏ ଥିଲେ ?

(i) Shah Alam
ଶାହା ଆଲାମ
(ii) Bahadur Shah Zafar
ବାହାଦୁର ଶାହ ଜଫର
(iii) Mohammad Shah Rangila
ମହମ୍ମଦ ଶାହା ରଂଗିଲା
(iv) Nizam-ul-Mulk
ନିଜାମ-ଉଲ୍-ମୁଲ୍କ

(v) Who was the Viceroy when Bengal was partitioned ?

ବଙ୍ଗ ବିଭାଜନ ବେଳେ ବଡ଼ ଲାଟ କିଏ ଥିଲେ ?

(i) Lord Duffrin
ଲର୍ଡ ଡଫ୍ରିନ୍
(ii) Lord Irwin
ଲର୍ଡ ଇର୍‌ୱିନ୍
(iii) Lord Curzon
ଲର୍ଡ କର୍ଜନ
(iv) Lord Linlithgo
ଲର୍ଡ ଲିନ୍‌ଲିଥ୍‌ଗୋ

(w) Which date was celebrated as First Independence Day during the freedom struggle ?

କେଉଁ ତାରିଖକୁ ପ୍ରଥମ ସ୍ୱାଧୀନତା ଦିବସ ରୂପେ ସ୍ୱାଧୀନତା ସଂଗ୍ରାମ ସମୟରେ ପାଳନ କରାଯାଇଥିଲା ?

(i) 29th December, 1929
୨୯ ଡିସେମ୍ବର, ୧୯୨୯

(ii) 31st December, 1929
୩୧ ଡିସେମ୍ବର, ୧୯୨୯

(iii) 26th January, 1930
୨୬ ଜାନୁଆରୀ, ୧୯୩୦

(iv) 15th August, 1947
୧୫ ଅଗଷ୍ଟ, ୧୯୪୭

(x) Which committee was set up to merge Ganjam with Odisha Province ?

ଗଞ୍ଜାମକୁ ଓଡ଼ିଶା ପ୍ରଦେଶ ସହିତ ମିଶ୍ରଣ କରିବା ପାଇଁ କେଉଁ କମିଟି ଗଠନ କରାଯାଇଥିଲା ?

(i) Attlee Sub-committee
ଅଟଲୀ ସବ୍ କମିଟି

(ii) Philip-Duff Committee
ଫିଲିପ୍-ଡଫ୍ କମିଟି

(iii) Simon Commission
ସାଇମନ କମିସନ

(iv) Second Round Table Conference
ଦ୍ୱିତୀୟ ଗୋଲ ଟେବୁଲ ବୈଠକ



(y) Who is known as 'Mother' in Odisha ?

ଓଡ଼ିଶାରେ 'ମା' ନାମରେ କିଏ ପରିଚିତ ?

(i) Rama Devi
ରମାଦେବୀ

(ii) Malati Devi
ମାଳତୀ ଦେବୀ

(iii) Sarala Devi
ସରଳା ଦେବୀ

(iv) Kuntala Kumari Sabat
କୁନ୍ତଳା କୁମାରୀ ସାବତ

## Group – B
## ଖ – ବିଭାଗ

3. Answer any **nine** questions. Write each answer within **two** sentences in each case : 2×9=18

ଯେକୌଣସି ନଅଗୋଟି ପ୍ରଶ୍ନର ଉତ୍ତର ଦିଅ । ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଦୁଇଟି ବାକ୍ୟ ମଧ୍ୟରେ ଲେଖ :

(a) What is 'numismatics' ? Which dynasty was ruling India when punch-marked coins were used ?

'ମୁଦ୍ରା ଅଧ୍ୟୟନ' କ'ଣ ? ଭାରତରେ କେଉଁ ବଂଶର ରାଜତ୍ୱ ସମୟରେ ଛାପାଯୁକ୍ତ ମୁଦ୍ରାର ପ୍ରଚଳନ ଥିଲା ?

(b) Who wrote 'Mahabharata' ? What is mentioned in this epic ?

ମହାଭାରତ କିଏ ରଚନା କରିଥିଲେ ? ଏହି ମହାକାବ୍ୟରେ କ'ଣ ଉଲ୍ଲେଖ ଅଛି?

(c) What is the geographical extent of Harappan Civilisation ?

ହରପ୍ପା ସଂସ୍କୃତିର ଭୌଗୋଳିକ ବିସ୍ତୃତି କେତେ ଥିଲା ?

(d) Who is Pasupati ? Which animals can be seen near him ?

ପଶୁପତି କିଏ ? କେଉଁ ପଶୁମାନେ ତାଙ୍କ ପାର୍ଶ୍ୱରେ ଦେଖିବାକୁ ମିଳନ୍ତି ?

(e) Who were the members of 'Sabha' and 'Samiti' during Vedic Age ?

ବୈଦିକ ଯୁଗରେ 'ସଭା' ଓ 'ସମିତି'ର ସଦସ୍ୟ କେଉଁମାନେ ଥିଲେ ?

(f) What was Chaturashrama ? When was it prevalent ?

ଚତୁରାଶ୍ରମ କ'ଣ ? ଏହା କେବେ ପ୍ରଚଳିତ ଥିଲା ?

(g) 'Tripitaka' is the religious text of which religion? Into how many parts the text is divided ?

'ତ୍ରିପିଟକ' କେଉଁ ଧର୍ମର ଧର୍ମଗ୍ରନ୍ଥ ? ଏହା କେତେ ଭାଗରେ ବିଭକ୍ତ ?



(h) Where was the Kalinga War fought ? Which Rock Edict of Ashoka mentions about this war ?

କଳିଙ୍ଗ ଯୁଦ୍ଧ କେଉଁଠାରେ ହୋଇଥିଲା ? ଅଶୋକଙ୍କର କେଉଁ ଶିଳାନୁଶାସନରେ ଏହି ଯୁଦ୍ଧ ବିଷୟରେ ବର୍ଣ୍ଣନା କରାଯାଇଅଛି?

(i) Into how many divisions Chandragupta Maurya divided his empire ? Mention the names of those divisions ?

ଚନ୍ଦ୍ରଗୁପ୍ତ ମୌର୍ଯ୍ୟ ତାଙ୍କ ସାମ୍ରାଜ୍ୟକୁ କେତେ ଭାଗରେ ବିଭକ୍ତ କରିଥିଲେ ? ସେହି ପ୍ରଦେଶଗୁଡ଼ିକର ନାମ କ'ଣ ଥିଲା ?

(j) Which deity was primarily worshipped by the Gupta kings ? What titles did they adopt?

ଗୁପ୍ତରାଜାମାନେ ମୁଖ୍ୟତଃ କେଉଁ ଦେବତାଙ୍କର ଉପାସକ ଥିଲେ? ସେମାନେ କେଉଁ ଉପାଧିରେ ନିଜକୁ ଭୂଷିତ କରିଥିଲେ ?

(k) Who were Alvars and Nayanars ?

ଅଲଭାର ଓ ନାୟନାରମାନେ କିଏ ?

(l) Who introduced Ryotwari settlement in Madras Presidency ? When was it introduced ?

ମାନ୍ଦ୍ରାଜ ପ୍ରେସିଡେନ୍ସିରେ ରୟତୱାରୀ ବନ୍ଦୋବସ୍ତ କିଏ ପ୍ରଚଳନ କରିଥିଲେ ? ଏହା କେବେ ପ୍ରଚଳିତ ହୋଇଥିଲା ?

(m) Name the leaders who played a major role in the Great Revolt of 1857 at Lucknow and Kanpur.

୧୮୫୭ ମସିହା ମହାସଂଗ୍ରାମରେ କାନପୁର ଓ ଲକ୍ଷ୍ନୌଠାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବା ନେତାଙ୍କର ନାମ ଲେଖ ।

(n) What are the two places in Balasore district people died in police firing during Quit India Movement ?

ବାଲେଶ୍ୱର ଜିଲ୍ଲାର କେଉଁ ଦୁଇଟି ସ୍ଥାନରେ ଭାରତଛାଡ଼ ଆନ୍ଦୋଳନ ସମୟରେ ପୋଲିସ୍ ଗୁଳିରେ ଲୋକ ମୃତ୍ୟୁବରଣ କରିଥିଲେ?

(o) When and where was Utkal Sammilani formed?

ଉତ୍କଳ ସମ୍ମିଳନୀ କେବେ ଓ କେଉଁଠାରେ ଗଠିତ ହୋଇଥିଲା ?

4. Write short notes on any **four** of the following topics within **six** sentences each : 3×4=12

ନିମ୍ନଲିଖିତ ପ୍ରସଙ୍ଗମାନଙ୍କ ମଧ୍ୟରୁ ଯେକୌଣସି ଚାରିଗୋଟି ସମ୍ବନ୍ଧରେ ସଂକ୍ଷିପ୍ତ ଟିପ୍ପଣୀ ଲେଖ । ପ୍ରତ୍ୟେକ ଟିପ୍ପଣୀ ଛଅଟି ବାକ୍ୟ ମଧ୍ୟରେ ରହିବ :

(a) Importance of Archival sources

ଅଭିଲେଖାଗାର ଉପାଦାନର ଗୁରୁତ୍ୱ

(b) Position of women in Rig Vedic period

ଋକ୍‌ବୈଦିକ ଯୁଗରେ ନାରୀଙ୍କ ସ୍ଥାନ

(c) Chatwari Aryasatyani

ଚତୱାରି ଆର୍ଯ୍ୟସତ୍ୟାଣୀ



(d) Literature of the Gupta period

ଗୁପ୍ତଯୁଗର ସାହିତ୍ୟ

(e) Results of Kalinga War

କଳିଙ୍ଗ ଯୁଦ୍ଧର ଫଳାଫଳ

(f) Mahalwari Settlement

ମହଲୱାରି ବନ୍ଦୋବସ୍ତ

(g) Maharaja Krushna Chandra Gajapati

ମହାରାଜା କୃଷ୍ଣଚନ୍ଦ୍ର ଗଜପତି

## Group – C
## ଗ – ବିଭାଗ

Answer any **four** questions : 5×4=20

ଯେକୌଣସି ଚାରୋଟି ପ୍ରଶ୍ନର ଉତ୍ତର ଦିଅ :

5. Discuss the religious beliefs of Harappan people.

ହରପ୍ପାବାସୀଙ୍କର ଧର୍ମବିଶ୍ୱାସ ବିଷୟରେ ଆଲୋଚନା କର ।

6. Give an account of the socio-economic life of Rig Vedic age.

ଋକ୍ ବୈଦିକ ଯୁଗର ସାମାଜିକ ଓ ଅର୍ଥନୈତିକ ଜୀବନର ଏକ ବିବରଣୀ ପ୍ରଦାନ କର ।

7. Narrate the contribution of Buddhism to Indian Culture.

ଭାରତୀୟ ସଂସ୍କୃତିକୁ ବୌଦ୍ଧଧର୍ମର ଅବଦାନ ବର୍ଣ୍ଣନା କର ।

8. Why is the Gupta Age known as the 'Golden Age' of ancient Indian history ?

ପ୍ରାଚୀନ ଭାରତ ଇତିହାସରେ ଗୁପ୍ତ ଯୁଗକୁ ସୁବର୍ଣ୍ଣ ଯୁଗ ବୋଲି କାହିଁକି କୁହାଯାଏ ?

9. Discuss the causes of the Great Revolt of 1857.

୧୮୫୭ ମସିହା ମହାସଂଗ୍ରାମର କାରଣଗୁଡ଼ିକ ଆଲୋଚନା କର ।

10. Write a note on the Civil Disobedience Movement.

ଭାରତରେ ଆଇନ ଅମାନ୍ୟ ଆନ୍ଦୋଳନ ଉପରେ ଏକ ଟିପ୍ପଣୀ ଲେଖ ।

11. Discuss the events leading to the formation of Odisha as a separate province.

ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ କରିବାରେ ପ୍ରମୁଖ ଘଟଣାବଳୀ ଆଲୋଚନା କର ।

12. Assess the contribution of Malati Devi in the freedom movement of India.

ଭାରତର ମୁକ୍ତି ସଂଗ୍ରାମରେ ମାଳତୀ ଦେବୀଙ୍କ ଅବଦାନର ମୂଲ୍ୟାୟନ କର ।

---